**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ତା.୨୯.୧୧.୨୦୧୩**

**ଭା.ଜ.ପା ର ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀ ପ୍ରକାଶ ଜାଭେଦକରଙ୍କର ପ୍ରେସ ବିଜ୍ଞପ୍ତି ।**

କୋବ୍ରା ପୋଷ୍ଟର ବର୍ତ୍ତମାନ ଯେଉଁ ଷ୍ଟ୍ରିଙ୍ଗ ଅପରେସନ ହୋଇଛି ତାହାକୁ ଭା.ଜ.ପା ଖାରଚ କରେ । ଭା.ଜ.ପା ଉପରେ ନିୟମିତ ଆରୋପ ଲଗାଇବା ପାଇଁ କଂଗ୍ରେସ ଏପରି ଗୋଟିଏ ପରେ ଗୋଟିଏ ଷଡ଼ଜନ୍ତ୍ର କରିଚାଲିଛି । ଉକ୍ତ ଅପରେସନରେ ଯେଉଁଠି କଂଗ୍ରେସର ନାଆ ଉଠୁଛି ତାହା ଉପରେ ମାଟି ପକାଇ ଦିଆଯାଉଥିବା ବେଳେ ଭା.ଜ.ପା ଉପରେ ହିଁ ତଦନ୍ତ କରାଯାଉଅଛି ।

ମୋଦିଙ୍କର ଲୋକପ୍ରିୟତା ଓ ଜନ ସମର୍ଥନରେ ବିଚଳିତ ହୋଇ କଂଗ୍ରେସ ଏପରି କାର୍ଯ୍ୟ କରିଚାଲିଛି । ନରେନ୍ଦ୍ର ମୋଦିଜୀ ଯେଉଁ ତଥ୍ୟ ସବୁ ଉପସ୍ଥାପିତ କରୁଛନ୍ତି ଭ୍ରଷ୍ଟାଚାର ବିରୋଧରେ ହେଉ, ଦର ଦାମ ବୃଦ୍ଧି ବିରୋଧରେ ହେଉ ବା କଂଗ୍ରେସର କୁଶାସନ ନେଇ ହେଉ ତାହାର ଉତ୍ତର କଂଗ୍ରେସ ପାଖରେ ମଧ୍ୟ ନାହିଁ । ଯେଉଁଠି ମୋଦିଙ୍କ ର୍‍ୟାଲିରେ ଅସଂଖ୍ୟ ଜନତା ଉପସ୍ଥିତ ହେଉଛନ୍ତି ସେଠାରେ କଂଗ୍ରେସ ବହୁ କଷ୍ଟରେ ଜନତାଙ୍କୁ ଏକତ୍ରିତ କରିବାରେ ଲାଗିଛି । ଏପରି ସ୍ଥିତିରେ କଂଗ୍ରେସ ହଡ଼ବଡ଼ ହୋଇ ମୋଦି ତଥା ଭା.ଜ.ପାକୁ ବଦନାମ କରିବାକୁ ଏପରି କିଛି ବିଭାଗକୁ ସକ୍ରିୟ କରି ଦେଇଅଛି ।

ଜନତାଙ୍କର କଂଗ୍ରେସ ନେଇ ଥିବା ଆକ୍ରୋଶ ଏପରି କାର୍ଯ୍ୟ କଳାପ ପାଇଁ ଆହୁରି ବୃଦ୍ଧି ପାଇବ । ତେଣୁ ଭା.ଜ.ପା କଂଗ୍ରେସକୁ ମୋଦି ଉଠାଇଥିବା ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ପୁଣି ଆହ୍ୱାନ ଦିଏ ।

**ଅରୁଣ କୁମାର ଜୈନ, କାର୍ଯ୍ୟାଳୟ ସଚୀବ**